## ଗୋରୁ ଗାଡ଼ି ଜବତ; ଦୁଇ ଅଟକ

**ବସ୍ତା/ରୂପସା, ୨୨।୧୧(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ହଳଦିପଦା ବାଇପାସ ନିକଟରେ ଗୋରୁ ବୋଝେଇ ଟାଟା ଏସି ବଜରଙ୍ଗ ଦଳ ଦ୍ୱାରା ଜବତ। ସୂଚନାରୁ ପ୍ରକାଶ ସୋମବାର ଅପରାହ୍ନ ସମୟରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଏକ ଗୋରୁ ବୋଝେଇ ଗାଡ଼ି ଯାଉଥିବା ବେଳେ ହଳଦିପଦା ଢ଼ାବା ନିକଟରୁ ଗାଡିକୁ ପିଛା କରି ହଳଦିପଦା ବାଇପାସ ନିକଟରେ ଚାରିଜଣ ବଜରଙ୍ଗ ଦଳର କର୍ମୀ ଗାଡି ଅଟକାଇଥିଲେ।



ପରେ ପଚରାଉଚୁରା ପରେ ଗାଡିକୁ ବସ୍ତା ଥାନା ଜିମା ଦେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଗାଡି ଜବତ କରି ଗାଡିରେ ଥିବା ଜଣେ ମହିଳା ଓ ଜଣେ ପୁରୁଷକୁ ଅଟକ ରଖି ତଦନ୍ତ ଚଳାଇଛି।

## ସ୍ୱେଚ୍ଛାସେବୀ ସଂଘର ସ୍ୱନକ୍ଷତ୍ର ଉତ୍ସବ



**ଭୋଗରାଇ, ୨୨।୧୧(ସମିସ):** ଭୋଗରାଇ ବ୍ଲକର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିଚିତ୍ରପୁର ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଂଘର ପଞ୍ଚମ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଭୋଗରାଇ ବ୍ଲକର ୭ ଜଣ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧନଞ୍ଜୟ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିଭା ସମ୍ମାନ ସମାରୋହ ସଭାରେ ସଂଘର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶମ୍ଭୁନାଥ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭୋଗରାଇ ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅମର ମହାନ୍ତି, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ସୁବାସ ଦାସ, ସାମ୍ବାଦିକ ଭଗବାନ ଚନ୍ଦ୍ର ବେହେରା, ଜଗନ୍ନାଥ ଗିରି, ସୁଶାନ୍ତ ମଣ୍ଡଳ, ଅନନ୍ତ ପ୍ରଧାନ ଓ ରାଧାକାନ୍ତ ପ୍ରଧାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ରାଜକୁମାର ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସଦସ୍ୟ ପ୍ରଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ସଫଳତା

**ବାଲେଶ୍ୱର, ୨୨।୧୧(ସମିସ):** ସମ୍ପ୍ରତି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାର ସଙ୍ଗୀତ ବିଭାଗରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଉଜ୍ଜୋୟନ ମିଶ୍ର ଦ୍ୱିତୀୟ



ସ୍ଥାନ ଅଧିକାର କରିଛନ୍ତି। ସେଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ରଣା, ଉପାଧ୍ୟକ୍ଷ ଡକ୍ଟର ସନ୍ତୋଷ ରାଉତ, ପ୍ରଶାସନିକ ଅଧିକାରୀ ଡକ୍ଟର ଭାଗବତ ଭୂୟାଁ, ଏକାଡେମିକ ବର୍ଷାର ଅଧ୍ୟାପିକା ସୋନାଲିସା ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଅଞ୍ଜନା ବେହେରା, ଆକାଉଣ୍ଟ କୁଞ୍ଜ ବିହାରୀ ମହାନ୍ତି, ଅଧ୍ୟାପିକା ଡକ୍ଟର ବୈଶାଳିନୀ ପଣ୍ଡା, ଶ୍ରଦ୍ଧାଞ୍ଜଳି ପଣ୍ଡା, ଅନୁପମା ବେହେରା, ସାଇଜିତା ସେଠୀ ଓ ଅଧ୍ୟାପକ ପ୍ରଦୀପ ଗଙ୍ଗାଇଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ଆହୁରି ଆଗକୁ ଯାଇ ମହାବିଦ୍ୟାଳୟ, ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବାକୁ ତାଙ୍କୁ ପ୍ରେରଣା ଦେଇଛନ୍ତି।

### ଭୋଗରାଇରେ 'ବିକଶିତ ଭାରତ ସଙ୍କଳ୍ପ ଯାତ୍ରା' ପ୍ରସ୍ତୁତି ବୈଠକ

# ଥାନା ଆଇଆଇସିଙ୍କ ମନ୍ତବ୍ୟକୁ ନେଇ ବୈଠକରେ ହଟ୍ଟଗୋଳ

**ଭୋଗରାଇ, ୨୨।୧୧(ସମିସ)**

କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ୨୦୨୩ ନଭେମ୍ବରରୁ ୨୦୨୪ ଜାନୁଆରୀ ପର୍ଯ୍ୟନ୍ତ ସମଗ୍ର ବାଲେଶ୍ୱର ଜିଲ୍ଲାରେ ପରିକ୍ରମଣ କରିବ। ଭୋଗରାଇ ବ୍ଲକରେ ଏହି ସଙ୍କଳ୍ପ ଯାତ୍ରା ପରିକ୍ରମଣ ପାଇଁ ଭୋଗରାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଚିଠି ନଂ ୫୭୫୪ରେ ଭୋଗରାଇ ବିଡିଓ ବୁଧବାର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଏକ ପ୍ରସ୍ତୁତି ବୈଠକ ଆହ୍ୱାନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର କମଳାକାନ୍ତ ଜେନା, ତହସିଲଦାର ସୁଧାଂଶୁ ଶେଖର ଗିରି, ସିଡିପିଓ ପବିତ୍ରା ହାଜିରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଦୀପ୍ତ ସାହୁ ଓ ପପୁ ଭୂୟାଁ, ବିଦ୍ୟୁତ ବିଭାଗ ଏସଡିଓ, ଆରଡି, ଆରଡବ୍ଲ୍ୟୁଏସଏସ, ଯୋଗାଣ ନୀରିକ୍ଷକ ଏବଂ ଭୋଗରାଇ, କମର୍ଦ୍ଦା ଓ ତାଳସାରି ମେରାଇନ ଥାନା ଆଇଆଇସିଙ୍କ ସମେତ ୫୦ଟି ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ ସଦସ୍ୟାଙ୍କୁ ଏହି ପ୍ରସ୍ତୁତି ବୈଠକରେ ଅଂଶଗ୍ରହଣ କରିବା ପାଇଁ ବିଡ଼ିଓ ଉମାକାନ୍ତ ପରିଡ଼ା ଚିଠି କରିଥିଲେ। ତେବେ ନିର୍ଦ୍ଧାରିତ ସମୟରେ ବୈଠକ ଆରମ୍ଭ ହୋଇଥିଲା ବେଳେ ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁଙ୍କ ଏକ ଅରୁଚିକର ତଥା ଅସମ୍ମାନଜନକ ମନ୍ତବ୍ୟକୁ ନେଇ ସମସ୍ତ ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା।

**କ୍ଷମା ମାଗିଲେ ବିଡିଓ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ**

ସେମାନେ ନିଜ ନିଜ ଚେୟାର ଛାଡି ଆଇଆଇସି ଭୁଲ ସ୍ୱୀକାର କରିବା ଦାବିରେ ପ୍ରବଳ ହଟ୍ଟଗୋଳ କରିଥିଲେ। ପରେ ବିଡ଼ିଓ ଶ୍ରୀ ପରିଡ଼ା ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଗିରି ଆଇଆଇସିଙ୍କ ତରଫରୁ ଭୁଲ ସ୍ୱୀକାର କରିଥିବା ଜଣାପଡ଼ିଛି। ବହୁ ବାଦବିବାଦ ପରେ ଗୃହ ଶାନ୍ତ ହୋଇଥିଲେ ମଧ୍ୟ ଆଇଆଇସିଙ୍କ ବ୍ୟବହାରକୁ ନେଇ ପ୍ରବଳ ଅସନ୍ତୋଷ ଦେଖାଦେଇଛି।

## ଷଣ୍ଢ ଆକ୍ରମଣରେ ମହିଳା ଗୁରୁତର

**ସୋର, ୨୨।୧୧(ସମିସ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୋପାଳପୁର ଗ୍ରାମରେ ଆଜି ଅପରାହ୍ନରେ ଷଣ୍ଢ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ଗ୍ରାମର ପାର୍ବତୀ ସେଠି ସନ୍ଧ୍ୟାରେ ରାସ୍ତାରେ ଯାଉଥିବା ବେଳେ ଏକ ଷଣ୍ଢ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଫଳରେ ପାର୍ବତୀଙ୍କ ହାତ ଏବଂ ଦେହରେ ଗଭୀର ଆଘାତ ଲାଗିବା ସହିତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ପରିବାର ଲୋକେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ଅର୍ଜୁନ ସେବା ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ଏବେ ପାର୍ବତୀ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

## ଭୋଗରାଇ ବିଜେଡିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ଭୋଗରାଇ, ୨୨।୧୧(ସମିସ)**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭୋଗରାଇ ଭଳି ବିଜେଡିର ଅପରାଜେୟ ଗଡ଼କୁ ସୁରକ୍ଷିତ ରଖିବା ସହିତ ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ ଓ ସୁସଙ୍ଗଠିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ଭୋଗରାଇ ବିଜେଡି। ସାଧାରଣ ଲୋକଙ୍କ ସହ ସିଧାସଳଖ ଯୋଡ଼ି ହୋଇ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନା ଏବଂ ଦଳୀୟ ବିଚାରଧାରାକୁ ଘରେ ଘରେ ଏବଂ ବିଶେଷ କରି ଯୁବକ ଯୁବତୀଙ୍କ ପାଖରେ ସହଜରେ ଓ ତ୍ୱରିତ ବେଗରେ ପହଞ୍ଚାଇବା ପାଇଁ ଭୋଗରାଇ ବିଜୁ ଯୁବ ଜନତା ଦଳ ତା'ର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଜଳେଶ୍ୱରପୁର ଠାରେ ନୂତନ ଭାବେ ପ୍ରତିଷ୍ଠିତ ବିଧାନସଭା ମଣ୍ଡଳୀ ସ୍ତରୀୟ ବିଜେଡି କାର୍ଯ୍ୟାଳୟ ପରିସରରେ ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକର୍ତ୍ତା ସମ୍ମିଳନୀ



ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ପଞ୍ଚାୟତର ଯୁବ ସଭାପତି, ଡିଜିଟାଲ ସମ୍ପାଦକ ଓ ଯୁବ ବ୍ଲକ କମିଟିର ସଦସ୍ୟ ସଦସ୍ୟାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଜୁ ଯୁବ ଜନତା ଦଳ ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୀପକ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଯୁବ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଜିଲ୍ଲା ଯୁବ ସଭାପତି ତାପସ ପରିଡ଼ା, ଯୁବ ବ୍ଲକ ସଭାପତି ଅଶୋକ କୁମାର ସାହୁ, ବିଜୁ ଯୁବ ଜନତା ଦଳ ବାଲେଶ୍ୱର ଜୋନ ସମ୍ପାଦକ ରାମକୃଷ୍ଣ ପାତ୍ର, ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ବିଜେଡି ଜିଲ୍ଲା ଉପ ସଭାପତି ତପନ ପଣ୍ଡା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଭୁବନାନନ୍ଦ ଦାସ, ବିଜେଡି ବ୍ଲକ ଉପସଭାପତି ପ୍ରଦୀପ ବେହେରା, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ନିବେଦିତା ମହାନ୍ତି ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

## ଟୀକା ନେଇ ଚାରି ମାସର ଶିଶୁ ଅସୁସ୍ଥ

**ଚନ୍ଦନେଶ୍ୱର, ୨୨।୧୧(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଗୋଛିଦାତେଘରୀ ଗ୍ରାମପଞ୍ଚାୟତର ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ଟୀକା ନେଇ ଜଣେ ଶିଶୁ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ତେବେ ତାକୁ ସଙ୍ଗେ ସଙ୍ଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଯିବା ପରେ ସେ ସୁସ୍ଥ ଥିବା ସୂଚନା ମିଳିଛି। ପ୍ରକାଶ ଯେ ଏହି ପଞ୍ଚାୟତର ଶ୍ୟାମାନନ୍ଦୀପୁର (କ) ଅଙ୍ଗନବାଡି କେନ୍ଦ୍ରରେ ଆଜି ସକାଳେ ଛୋଟ ଛୋଟ ପିଲାମାନଙ୍କୁ ଟୀକା ପ୍ରଦାନ କରାଯାଉଥିବା ବେଳେ ଏନଏମ କିରଣ ପାତ୍ର ଖାମଖିଆଲି ଭାବେ ଶ୍ୟାମାନନ୍ଦୀପୁର ଗ୍ରାମର ଯଦୁନାଥ ସାହୁଙ୍କର ଚାରି ମାସର ପୁଅ ମାନସ ସାହୁଙ୍କୁ ତୃତୀୟ ଡୋଜରେ ଟେଷ୍ଟ ବଦଳରେ ଏମଆରଜେଇ ଟୀକା ପ୍ରଦାନ କରିବାରୁ ଶିଶୁ ଜଣକ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ଶିଶୁଟିକୁ ସଙ୍ଗେ ସଙ୍ଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଶିଶୁଟି ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଶିଶୁଟିର ବାପା ଯଦୁନାଥ ସାହୁ ଓ ବଡ଼ବାପା ମଧୁସୂଦନ ସାହୁ ଏନଏମଙ୍କର ଖାମଖିଆଲି ନୀତିକୁ ବିରୋଧ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଅପରପକ୍ଷରେ କାର୍ଯ୍ୟରତ ଏନଏମ କିରଣ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଭୁଲବଶତଃ ଏହା ହୋଇଯାଇଛି।

## ୪ ବାଲି ଟ୍ରାକ୍ଟରକୁ ୭୨ ହଜାର ଜରିମାନା

**ବସ୍ତା, ୨୨।୧୧(ସମିସ):** ବୁଧବାର ଭେଲୋରା ଓ ମୁକୁଳିସି ତାରିଣୀ ଛକରୁ ବସ୍ତା ତହସିଲଦାର ରାଧାରଞ୍ଜନ ଦାସ ଓ ଅନ୍ୟ କର୍ମଚାରୀମାନେ ଚାରଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଜରିମାନା ଆଦାୟ କରିଛନ୍ତି। ଟ୍ରାକ୍ଟର ଚାରୋଟି ବେଆଇନ ଭାବେ ବାଲି ବୋଝେଇ କରି ଯାଉଥିଲେ। ସେଗୁଡିକର କାଗଜପତ୍ର ଠିକ ନ ଥିଲା। ଏଥିପାଇଁ ୭୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ପ୍ରକାଶ କରିଛନ୍ତି।



## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବସ୍ତା, ୨୨।୧୧(ସମିସ):** ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତ ଅଫିସ ସମ୍ମୁଖରେ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଶେଷ ଦିନରେ ମୁଖ୍ୟଅତିଥି ଭାବେ ନାରୀ ନେତ୍ରୀ ସୁବାସିନୀ ଜେନା ଯୋଗଦେଇଥିଲେ। ଅନୁଷ୍ଠାନର ସୁଜିତ ରାଉତଙ୍କ ନେତୃତ୍ୱରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ମୋଟ୍ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ ବେଳେ ଫାଇନାଲ ମ୍ୟାଚ ଅମର୍ଦ୍ଦା କାଁଥି ଓ ଖୁଣ୍ଟା ମଧ୍ୟରେ ହୋଇଥିଲା। ଅମର୍ଦ୍ଦା କାଁଥି ଏଫସିକୁ ପରାସ୍ତ କରି ଖୁଣ୍ଟା ଏଫସି ଚମ୍ପିୟାନ ହୋଇଥିଲା। ପୂର୍ବତନ ଜିଲ୍ଲା ପରିଷଦ ପ୍ରଦୀପ ବିଶ୍ୱାଳ, ସମିତି ସଭ୍ୟ ସୁବ୍ରତ ପଣ୍ଡା, ପଞ୍ଚାୟତ ସଭାପତି ଅଜୟ ପରିଡ଼ା, ଡିଜିଟାଲ ସେକ୍ରେଟାରୀ ରାଜେଶ ବେହେରା, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ଦଳାଇ, ୱାର୍ଡମେମ୍ବର ସୁଜିତ ରାଉତ, ହେମନ୍ତ ପାଣି, ଅବଦୁଲ କରିମ ଖାଁ, ବାବୁଲି ରଥ, ପରମାନନ୍ଦ ଚଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଭାବତୀ ଦେବୀଙ୍କ ସ୍ମୃତିଚାରଣ ସଭା




**ଭୋଗରାଇ, ୨୨।୧୧(ସମିସ)**

ସ୍ୱାଧୀନତା ସଂଗ୍ରାମୀ ସୁଧାଂଶୁ ଶେଖର ପଟ୍ଟନାୟକଙ୍କ ପତ୍ନୀ ତଥା ଭୋଗରାଇ ବ୍ଲକ ନହରା ପଞ୍ଚାୟତର ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟା ପ୍ରଭାବତୀ ଦେବୀଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବ୍ଲକ ନହରା ପଞ୍ଚାୟତ ଅନ୍ତର୍ଗତ ବଡମନ୍ଦାରୁଣୀ ଗ୍ରାମ ସ୍ଥିତ ବାସଭବନରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ପୌରୋହିତ୍ୟ କରିଥିଲେ। ଭୋଗରାଇ ପୂଜ୍ୟପୂଜା ପରିଷଦର ସଭାପତି ଆଇନଜୀବି ଭୁବନାନନ୍ଦ ଦାସଙ୍କ ସଞ୍ଚାଳନରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ପ୍ରଧାନ, ସୁରେନ୍ଦ୍ର ନାଥ ଜୁନିୟର କଲେଜ ଅଧ୍ୟକ୍ଷ ସରୋଜ ରଞ୍ଜନ ସେନାପତି, ହେମନ୍ତ ବେହେରା, ସାଂସଦ ପ୍ରତିନିଧି ଯୁବନେତା ଅଂଶୁମାନ ମହାନ୍ତି, ସ୍ଥାନୀୟ ସରପଞ୍ଚ କବିତାରାଣୀ ଜେନା, ନହରା ସମବାୟ ସମିତି ସଭାପତି ଚନ୍ଦ୍ର କୁମାର ଜେନା, ଅତୁଲ ଚାନ୍ଦ, ଶଶୀଭୂଷଣ ଚକ୍ରବର୍ତ୍ତୀ, ଅଧ୍ୟାପକ ବଂଶୀଧର ପ୍ରଧାନ, ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତି, ସମାଜସେବୀ ମନୋରଞ୍ଜନ ଜେନା, ହେମନ୍ତ ଦତ୍ତ, ଧୀରେନ୍ଦ୍ର ନାଥ ଦାସ, ସାମ୍ବାଦିକ ନରନାରାୟଣ ମିଶ୍ର ଓ ଅଂଶୁମାନ ରାଉତ ପ୍ରମୁଖ ଦିବଙ୍ଗତ ପ୍ରଭାବତୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ପୁଅ ଓ ଝିଅ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ କମଳ, ଅମଳ, ବିମଳ, ପରିମଳ, ସୁନିର୍ମଳ, ଅର୍ଦ୍ଧେନ୍ଦୁ, କାଜଲଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ପୁତୁରା ତଥା ଅବସରପ୍ରାପ୍ତ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ସନ୍ତୋଷ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କୁ ସଚେତନତା

**ବଳରାମପୁର, ୨୨।୧୧(ସମିସ):** ବସ୍ତା ନିର୍ବାଚନ ମଣ୍ଡଳୀରେ ଥିବା ବସ୍ତା ଓ ବାଲିଆପାଳ ବ୍ଲକରେ ଏସଏଚଜି ମହିଳାଙ୍କୁ ସଚେତନ କରାଇବା ପାଇଁ ପ୍ରୟାସ। ଆଜି ନିଖିରା ପଞ୍ଚାୟତର ତଳଧାନଦା ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହିତ ନବୀନ ଓଡ଼ିଶା, ମିଶନ ଶକ୍ତି, ସାଇବର ସୁରକ୍ଷା, ଜୈବକୃଷି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ନିମନ୍ତେ ସଚେତନତା ଓ ଆଲୋଚନା ହୋଇଥିଲା। ଶକ୍ତି ଶିକ୍ଷା ଡେଭଲପମେଣ୍ଟ ସୋସାଇଟି (ଏନଜିଓ)ର ମୁଖ୍ୟ ପରିଚାଳକ ତଥା ଯୁବ ସମାଜସେବୀ ତୁଷାରକାନ୍ତ ବେହେରାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଆରପି, ଏମବିକେ ଓ ଗ୍ରାମର ଅନେକ ମହିଳାମାନେ ଉପସ୍ଥିତ ଥିଲେ। ଶେଷରେ ସମସ୍ତ ମା'ଙ୍କୁ ମାଣ୍ଡିଆର ବ୍ୟବହାର ପାଇଁ ମାଣ୍ଡିଆ ବଣ୍ଟନ କରାଯାଇଥିଲା।

## ନ୍ୟାୟ ଅପେକ୍ଷାରେ ବୃଦ୍ଧା ଆଶାମଣୀ

**ବାଲେଶ୍ୱର, ୨୨।୧୧(ସମିସ)**

ବାଲେଶ୍ୱର ଜିଲ୍ଲା ରୂପସା ଥାନା ଅନ୍ତର୍ଗତ ହୀରାପୁର ହାଇସ୍କୁଲ ପାଖରେ ଆଶାମଣୀ ସିଂହ (୭୭)ଙ୍କ ନିଜ ପକ୍କା ଘର ରହିଛି। ସ୍ୱାମୀ ବାଇଧର ସିଂହ ଦୀର୍ଘ ୧୫ବର୍ଷ ହେଲା ମୃତ୍ୟୁବରଣ କରିସାରିଛନ୍ତି। ତେବେ ଆଶାମଣି ଓ ତାଙ୍କ ବଡ଼ପୁଅ ଶ୍ରୀଧର ସିଂହ, ଶ୍ରୀଧରଙ୍କ ପତ୍ନୀ ରଞ୍ଜିତା, ସାନପୁଅ ସର୍ବେଶ୍ୱର ଏବଂ ସର୍ବେଶ୍ୱରଙ୍କ ପତ୍ନୀ ସସ୍ମିତା ଓ ଶ୍ରୀଧରଙ୍କ ଦୁଇଝିଅ ଧମକ ଚମକ ଦେଇ ଘରୁ ବିଦା କରିଦେଇଥିବା ଜଣାପଡ଼ିଛି। ଶ୍ରୀଧର ଜଣେ ନିରୀହ ବ୍ୟକ୍ତି ହୋଇଥିବାରୁ ନିଜ ସାନଭାଇ ସର୍ବେଶ୍ୱର ଓ ପତ୍ନୀ ରଞ୍ଜିତାଙ୍କ ନିର୍ଯାତନାରେ ଘରଛାଡ଼ି ନିଜ ବୃଦ୍ଧା ମା' ଆଶାମଣିଙ୍କୁ ଧରି ରୂପସାର ଅନ୍ୟତ୍ର ଭଡ଼ାନେଇ ରହିଛନ୍ତି। ଏପରିକି ୨୦୨୨



ସେପ୍ଟେମ୍ବର ୧୫ ତାରିଖରେ ଆଶାମଣିଙ୍କୁ ସର୍ବେଶ୍ୱର ଓ ତାଙ୍କ ଭାଉଜ ମାରପିଟ୍ କରି ଏକ ଗାଧୁଆଘରେ ତିନିଦିନ କାଳ କବାଟ କିଳି ବନ୍ଦ ରଖିଥିଲେ। ପୁଲିସ ଫୋର୍ସ ଆସି ତାଙ୍କୁ ଉଦ୍ଧାର କରିଥିଲା। ଏନେଇ ଥାନାରେ ମଧ୍ୟ ଥରେ ଆପୋସ ବୁଝାମଣା ପରେ ଏକମାସ ଧରି ପରିସ୍ଥିତି ଠିକ୍ ଠାକ୍ ଚାଲିଥିଲା। ଏବେ ପୁଣି ସେହି ଅବସ୍ଥା ଲାଗି ରହିଥିବାରୁ ଆଶାମଣୀ ଉପଜିଲ୍ଲାପାଳଙ୍କ ଅଦାଲତରେ ଏକ ମାମଲା ରୁଜୁ କରିଛନ୍ତି। ଆଜି ଉଭୟ ପକ୍ଷ ହାଜର ହେବାକୁ ସମନ ବା ନୋଟିସ୍ ଜାରି ହୋଇଥିଲେ ମଧ୍ୟ ଶ୍ରୀଧରଙ୍କ ପତ୍ନୀ ରଞ୍ଜିତା ଏବଂ ସର୍ବେଶ୍ୱର ଉପସ୍ଥିତ ହୋଇ ନ ଥିଲେ। ତେବେ କ'ଣ ପାଇଁ ଶ୍ରୀଧର ଓ ତାଙ୍କ ବୃଦ୍ଧା ମା'ଙ୍କୁ ପତ୍ନୀ ଓ ସାନଭାଇ ସମେତ ଦୁଇଝିଅ ଘରୁ ବାହାର କରିଛନ୍ତି ତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମାଜସେବୀ ଭାରତୀ ପଣ୍ଡା ଏହି ପରିବାରକୁ ନ୍ୟାୟ ଦେବାପାଇଁ ରାଜ୍ୟ ମହିଳା କମିଶନଙ୍କ ନିକଟରେ ଦରଖାସ୍ତ କରିଥିବା ଜଣାପଡ଼ିଛି। ତେବେ ଆଜି ଉପଜିଲ୍ଲାପାଳ ଶୁଣାଣି ହୋଇ ନ ପାରିବା ଫଳରେ ଏ ସମ୍ପର୍କରେ ତୁରନ୍ତ ସଦର ତହସିଲଦାର ଏବଂ ରୂପସା ଥାନାକୁ ବିସ୍ତୃତ ରିପୋର୍ଟ ମାଗିବା ପାଇଁ ଆଦେଶ ଦେବେ ବୋଲି ଆଶାମଣୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ରଞ୍ଜିତା କିମ୍ବା ସର୍ବେଶ୍ୱର ସିଂହଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇପାରି ନାହିଁ।



ସହର ରାସ୍ତା ପାର୍ଶ୍ୱରେ ଛିଡାହେଉଛି ବଡବଡ଼ିଆଙ୍କ ଯାନ

# ଝିଣ୍ଟିକାମାରି ବଣି ପୋଷୁଛି ପୌରପାଳିକା

ବାଲେଶ୍ୱର, ୨୨।୧୧(ସମିସ):



ବାଲେଶ୍ୱର ସହରର ରାସ୍ତା ପ୍ରଶସ୍ତିକରଣ ଓ ଡ୍ରେନ ନିର୍ମାଣ କରିବା ଲାଗି, ରାସ୍ତା ପାର୍ଶ୍ୱରେ ଛୋଟଛୋଟ ଦୋକାନ କରି ପରିବାର ଚଳାଉଥିବା ପଥ ବିକ୍ରେତାଙ୍କୁ ଥଇଥାନର ବ୍ୟବସ୍ଥା କରା ନ ଯାଇ ଉଚ୍ଛେଦ କରାଯାଇଥିଲା। ମାତ୍ର ଉଚ୍ଛେଦ କରାଯିବା ପରେ, ରାସ୍ତା ପାର୍ଶ୍ୱସ୍ଥ ଏହି ଫାଙ୍କା ସ୍ଥାନ ଗୁଡିକରେ ବସ, ଟ୍ରକ, କାର, ପିକଅପ ଭ୍ୟାନ ଓ ଅଟୋ ପ୍ରଭୃତି ଯାନ ଗୁଡିକ ଦିନରାତି ଛିଡା ହୋଇ ରହୁଥିବାର ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ, ସହରର କିଛି ଧନୀ ବଡବଡ଼ିଆ ଲୋକମାନେ ବର୍ତ୍ତମାନ ଏହି ରାସ୍ତା ପାର୍ଶ୍ୱସ୍ଥ ଫାଙ୍କା ସ୍ଥାନକୁ ଅଘୋଷିତ ପାର୍କିଂ ସ୍ଥାନ ବୋଲି ଭାବିନେଇ ନିଜର କାର ଭଳି ଚାରିଚକିଆ ଯାନକୁ ଦୀର୍ଘ ସମୟ ଧରି ଛିଡା କରାଉଥିବା ଦେଖାଯାଇଛି। ତେବେ ରାସ୍ତାପାର୍ଶ୍ୱରେ ଧାଡିଧରି ଛିଡା ହେଉଥିବା ଚାରିଚକିଆ ଯାନଗୁଡିକୁ କଣ ପୌର ପ୍ରଶାସକମାନେ ଦେଖିପାରୁ ନାହାନ୍ତି ? କାହିଁକି ଝିଣ୍ଟିକା ମାରି ବଣି ପୋଷୁଛନ୍ତି ବାଲେଶ୍ୱର ପୌର ପ୍ରଶାସନ? ବର୍ତ୍ତମାନ ବାଲେଶ୍ୱର ସହରର ପ୍ରମୁଖ ରାସ୍ତା ପାର୍ଶ୍ୱରେ କାର ଓ ଅନ୍ୟ ଚାରିଚକିଆ ଯାନ କିମ୍ବା ମୋଟରସାଇକଲ ଛିଡା ହେଉଛି। ଷ୍ଟେସନ ଛକରୁ ତାମୂଳିଆ ଓଭରବ୍ରିଜ ପର୍ଯ୍ୟନ୍ତ ଓଟି ରୋଡ ରାସ୍ତା ପାର୍ଶ୍ୱରୁ ପଥ ବିକ୍ରେତାଙ୍କୁ ଉଚ୍ଛେଦ କରାଯିବା ପରେ ସେହି ସ୍ଥାନରେ ବଡ ବଡ଼ିଆଙ୍କ ଯାନ ବାହାନ ଗୁଡିକ ଘଣ୍ଟାଘଣ୍ଟା ଧରି ଛିଡାହେଇ ରହୁଛି। ସେହିଭଳି ଫକୀରମୋହନ ଗୋଲାଇରୁ ଫାଣ୍ଡି ଛକ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ଅଘୋଷିତ ପାର୍କିଂ ସ୍ଥାନ ପାଲଟିଛି। ଷ୍ଟେସନ ଛକରୁ ରେଲୱେ ପ୍ଲାଟଫର୍ମ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ସେହିଭଳି ଅଘୋଷିତ ପାର୍କିଂ ପ୍ଲେସ ସାଜିଛି। ପୂର୍ବରୁ ପଥ ବିକ୍ରେତାମାନେ ଯେତିକି ରାସ୍ତା ଜବରଦଖଲ କରି ବ୍ୟବସାୟ କରୁଥିଲେ, ତାହାଠାରୁ ଅଧିକ ରାସ୍ତା ପାର୍ଶ୍ୱକୁ ବର୍ତ୍ତମାନ ଦଖଲ କରୁଛି ଛିଡା ହେଉଥିବା ଚାରିଚକିଆ ଯାନ ଗୁଡିକ। ସମ୍ପ୍ରତି ରାସ୍ତା ପାର୍ଶ୍ୱରେ କେହି ଜଣେ ପଥ ବିକ୍ରେତା ବସି ବ୍ୟବସାୟ କରୁଥିଲେ, ପୌରପାଳିକା ଓ ପୁଲିସ ପକ୍ଷରୁ ସମ୍ପୃକ୍ତ ପଥ ବିକ୍ରେତାଙ୍କୁ ନାଲି ଆଖି ଦେଖାଯାଉଛି। ଜୋର ଜବରଦସ୍ତ ପଥ ବିକ୍ରେତାଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ହେଲେ ରାସ୍ତା ପାର୍ଶ୍ୱରେ ଦୀର୍ଘ ସମୟ ଧରି ଛିଡା ହେଇ ରହୁଥିବା ବସ, ଟ୍ରକ, କାର ଓ ପିକଅପ ଭ୍ୟାନ ଗୁଡିକର ମାଲିକଙ୍କ ଠାରୁ ପୌରପାଳିକା କାହିଁକି ଜରିମାନା ଆଦାୟ କରୁନାହିଁ। ଝିଣ୍ଟିକା ମାରି ବଣି ପୋଷିବା ନୀତି ପୌର ପ୍ରଶାସନ ଆପଣେଇଛି। ଯଦି ସହରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ପ୍ରଶାସନ ସତରେ ଚାହୁଁଥାନ୍ତି, ତାହେଲେ ଚାରି ଚକିଆ ଯାନ ଗୁଡିକୁ ସହର ରାସ୍ତା ପାର୍ଶ୍ୱରେ ଛିଡା କରାଇବାକୁ ଦିଅନ୍ତୁ ନାହିଁ। ସେଗୁଡିକୁ ଛିଡା କରିବା ଲାଗି ରାସ୍ତା ପାର୍ଶ୍ୱସ୍ଥ ନିର୍ଦ୍ଦିଷ୍ଟ ସ୍ଥାନକୁ ପାର୍କିଂ ପ୍ଲେସ କରନ୍ତୁ। ଏ ସମ୍ପର୍କରେ ପୌରାଧ୍ୟକ୍ଷାଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରିବାରୁ ସେ ଫୋନ ରିସିଭ କରି ନ ଥିଲେ।

## ମହତାବ ସ୍ମୃତି କମିଟି ପକ୍ଷରୁ ମହତାବ ଜୟନ୍ତୀ




**ବାଲେଶ୍ୱର, ୨୨।୧୧(ସମିସ):** ବାଲେଶ୍ୱର ଡ. ହରେକୃଷ୍ଣ ମହତାବ ସ୍ମୃତି କମିଟି ପକ୍ଷରୁ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ୧୨୫ ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ହରିଶ୍ଚନ୍ଦ୍ର ବେହେରା, ଧ୍ୱନିପ୍ରତିଧ୍ୱନି ସମ୍ବାଦ ପତ୍ରର ସମ୍ପାଦକ ସୃଷ୍ଟିଧର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହତାବଙ୍କ ସ୍ମୃତି ଚାରଣ କରିଥିଲେ। ବରିଷ୍ଠା ସାମ୍ବାଦିକା ଅପର୍ଣ୍ଣା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଶିବଦାସ କୁଣ୍ଡୁ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଆଇପିଆରଓ ଐଶ୍ୱର୍ଯ୍ୟା ସାମନ୍ତ, ନ୍ୟାୟବୋର୍ଡ ସଦସ୍ୟ ଜାଦବେଶ ମିଶ୍ର, ସାମ୍ବାଦିକ ମନୋଜ ରାଉଳ, ସାମ୍ବାଦିକ ଶୁଭେନ୍ଦୁ ଦାସ, ତାପସ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହତାବଙ୍କ ସ୍ମୃତିଚାରଣ କରିଥିଲେ। କମିଟିର ସଦସ୍ୟ ଉବାଚାକ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, କଞ୍ଚମଣି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟିର ସଦସ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# କବି ଫନୀ ମହାନ୍ତି ପାଇବେ 'ଗାଁ ମଜ୍‌ଲିସ୍ ସାହିତ୍ୟ ସମ୍ମାନ'



**ସୋର, ୨୨।୧୧(ସମିସ):** ଚଳିତ ୨୦୨୩ ବର୍ଷର ସମ୍ମାନଜନକ 'ଗାଁ ମଜଲିସ୍ ସାହିତ୍ୟ ସମ୍ମାନ' ପାଇବେ ବିଶିଷ୍ଟ କବି ଫନୀ ମହାନ୍ତି। ଏଥି ସହିତ କବି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କୁ ମିଳିବ 'ଶଙ୍ଖବେଳା କବିତା ସମ୍ମାନ' ଏବଂ 'ଶଙ୍ଖବେଳା ଗଳ୍ପ ସମ୍ମାନ' ପାଇବେ ଗାଳ୍ପିକା ଚିରଶ୍ରୀ ଇନ୍ଦ୍ରସିଂ। ସେହିପରି 'ଗାଁ ମଜଲିସ୍ ସାହିତ୍ୟ ସଂଗଠନ ସମ୍ମାନ' ସାହିତ୍ୟ ପତ୍ରିକା ପଲକର ସମ୍ପାଦକ ଶଶିକାନ୍ତ ଦାସକୁ ମିଳିବାକୁ ଥିବାବେଳେ 'ମନମୋହନ ମହାପାତ୍ର ସ୍ମୃତି ନାଟ୍ୟ ସମ୍ମାନ' ପାଇବେ ବିଶିଷ୍ଟ ନାଟ୍ୟକାର ସିନେ ସଂଳାପ ଲେଖକ ଡ. ରଜନୀ ରଞ୍ଜନ। ସମାଜସେବୀ, ସାହିତ୍ୟିକା ଓ ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମାମତା ମହାପାତ୍ର ପାଇବେ 'କନକଲତା ଦାସ ସ୍ମୃତି ଆଦର୍ଶ ମହିଳା ସମ୍ମାନ', ଗାଳ୍ପିକ କ୍ଷୀରୋଦ ବିଶ୍ୱାଳଙ୍କୁ ମିଳିବ 'ଯୁବ ଲେଖକ ସମ୍ମାନ', କବି ସନ୍ତୋଷିନୀ ଗିରି ପାଇବେ 'ଜୟକୃଷ୍ଣ ବିଶ୍ୱାଳ ସ୍ମୃତି ସାହିତ୍ୟ ସମ୍ମାନ'। ସ୍ୱର୍ଣ୍ଣଲତା-ବିଶ୍ୱନାଥ ମହାନ୍ତି ସ୍ମୃତି ଲେଖିକା ସମ୍ମାନ' ପାଇବେ କବି ଲିପିରେଖା ଶତପଥୀ, କବି ଅଞ୍ଜଳିକୁମାରୀ କରଙ୍କୁ ମିଳିବ 'କବି ପ୍ରଦ୍ୟୁମ୍ନ ମହନୀ ସ୍ମୃତି ଗୀତି ମଞ୍ଜୁଳ ସମ୍ମାନ'। 'ଭୁବନାନନ୍ଦ ଦଳାଇ ସ୍ମୃତି ଶିକ୍ଷା ଓ ସାହିତ୍ୟ ସମ୍ମାନ' ପାଇବେ ଡ.ସୁରେନ୍ଦ୍ର ପ୍ରସାଦ ମହାନ୍ତି। କବି ଇ. ସରୋଜ ମହାପାତ୍ର ପାଇବେ 'ଗଣେଶ ପ୍ରସାଦ ମହାପାତ୍ର ସ୍ମୃତି ସାହିତ୍ୟ ସମ୍ମାନ', ପଦ୍ମଲୋଚନ ଦାଶଙ୍କୁ ମିଳିବ 'ଚିନ୍ତାମଣି ମଲ୍ଲିକ ସ୍ମୃତି ଶିକ୍ଷକଶ୍ରୀ ସମ୍ମାନ', 'ମଦନମୋହନ ଦଳେଇ ସ୍ମୃତି ଜ୍ଞାନ ଜ୍ୟୋତି ସମ୍ମାନ'ପାଇବେ ଶରତ ଚନ୍ଦ୍ର ମହାପାତ୍ର, ସାହାନାଇ ବାଦକ ମୁରଲୀଧର ନାୟକଙ୍କୁ ମିଳିବ 'ଭାଗବତ- କମଳାକାନ୍ତ ଓଝା ସ୍ମୃତି ନୃତ୍ୟ ସଙ୍ଗୀତ-ସମ୍ମାନ'। 'କୋକିଳ-ଶୁକମଣି-ସୁମିତ୍ରା ସ୍ମୃତି ଆଦର୍ଶ ଜନନୀ ସମ୍ମାନ' ପାଇବେ ମଲ୍ଲିକା ପ୍ରଧାନ, 'ଲୋପାମୁଦ୍ରା ସ୍ମୃତି ଧୀ'ଗୌରବ ସମ୍ମାନ' ପାଇବେ ପ୍ରବୋଧ କୁମାର ମଲ୍ଲିକ ଏବଂ 'ସାହିତ୍ୟ ସେବାଶ୍ରୀ ସମ୍ମାନ' ପାଇବେ ହେମନ୍ତ କୁମାର ପ୍ରଧାନ। ଆସନ୍ତା ଡିସେମ୍ବର ୨୪ ତାରିଖରେ ଅନୁଷ୍ଠିତ ସଂସଦର ୪୩ ତମ ବାର୍ଷିକ ଉତ୍ସବରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଆଜି ଏହି ଉପଲକ୍ଷେ ଅନୁଷ୍ଠିତ ଚୟନ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ ସମ୍ପାଦକ ଦେବେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ରେମୁଣା ନିର୍ବାଚନ ମଣ୍ଡଳୀରେ ବଢୁଛି ରାଜନୈତିକ ଉଷ୍ମତା

- ଇଂ ବିଜୟ ସେଠୀଙ୍କ ଯୋଗଦାନ ପରେ ବଦଳୁଛି ବିଜେପିର ସମୀକରଣ

**ବାଲେଶ୍ୱର, ୨୨।୧୧(ସମିସ):** ରେମୁଣା ନିର୍ବାଚନମଣ୍ଡଳୀ ଗଠନର ତୃତୀୟ ପାଳିରେ କିଏ ନେବ ନେତୃତ୍ୱ ତାହାକୁ ନେଇ ଦିନକୁ ଦିନ ଉଷ୍ମତା ବଢ଼ିବାରେ ଲାଗିଛି। ବର୍ତ୍ତମାନର ବିଧାୟକ ସୁଧାଂଶୁ ଶେଖର ପରିଡ଼ା ବିଜୁ ଜନତା ଦଳରୁ ବହିଷ୍କାର ହେବା ପରେ ପରବର୍ତ୍ତୀ ପରିସ୍ଥିତିକୁ ନେଇ ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି। ବିଧାୟକଙ୍କ ଶ୍ରୀ ପରିଡ଼ାଙ୍କ ସ୍ଥାନରେ ବିଜେଡିରୁ ପ୍ରାର୍ଥୀ କିଏ ହେବ ସେ ନେଇ ଆଗାମୀ ଦିନରେ ଜଣାପଡ଼ିବ। ଅନ୍ୟପକ୍ଷରେ ରେମୁଣା ନିର୍ବାଚନମଣ୍ଡଳୀରେ ବିଜେପିର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପଥ ମଧ୍ୟ ସେତେଟା ସୁଗମ ନ ଥିବା ଲକ୍ଷ୍ୟ କରାଯାଇଛି। ମାସକ ତଳେ ସରକାରୀ ଚାକିରୀ ଛାଡି ପୂର୍ଣ୍ଣକାଳୀନ ଭାବେ ବିଜେପିରେ ଯୋଗଦେଇଥିବା ଇଂ ବିଜୟ କୁମାର ସେଠୀ ବର୍ତ୍ତମାନ ରେମୁଣା ପାଇଁ ଅଣ୍ଟା ଭିଡିଛନ୍ତି। ଉଚ୍ଚଶିକ୍ଷିତ ଶ୍ରୀ ସେଠୀ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥାଇ ମଧ୍ୟ ବିଭିନ୍ନ ସାମାଜିକ ସଂସ୍ଥା ସହ ଜଡିତ ରହି ସମଗ୍ର ନିର୍ବାଚନମଣ୍ଡଳୀରେ ସାଂଗଠନିକ ଭିତ୍ତିଭୂମି ପ୍ରସ୍ତୁତିରେ ସଫଳ ହୋଇଛନ୍ତି। ଆଗକୁ ମଧ୍ୟ ଏହି ସାମାଜିକ କାର୍ଯ୍ୟ ସମ୍ପାଦନରେ ଏକ ବଡ ପ୍ଲାଟଫର୍ମର ସହାୟତା ପାଇବାକୁ ଶ୍ରୀ ସେଠୀ ବିଜେପିରେ ଯୋଗଦେଇଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଆସନ୍ତା ନିର୍ବାଚନରେ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳ ନିକଟରେ ଔପଚାରିକ ଦାବି ଉପସ୍ଥାପନ କରି ନ ଥିଲେ ବି ସେ ଆଶାୟୀ ଥିବା ସୂଚନା ମିଳିଛି। ତେବେ ପ୍ରାର୍ଥିତ୍ୱକୁ ନେଇ ଦଳର ରାଜ୍ୟସ୍ତରୀୟ ନେତୃବର୍ଗଙ୍କ ନିଷ୍ପତ୍ତି ସର୍ବୋପରି ବୋଲି ଶ୍ରୀ ସେଠୀ କହିଛନ୍ତି। ରେମୁଣା ନିର୍ବାଚନମଣ୍ଡଳୀରେ ଦୁଇଥର ନିର୍ବାଚନ ହୋଇଛି। ପ୍ରଥମ ଥର ସୁଦର୍ଶନ ଜେନା ଏବଂ ଦ୍ୱିତୀୟରେ ଗୋବିନ୍ଦ ଚନ୍ଦ୍ର ଦାସ। ଚଳିତ ନିର୍ବାଚନରେ ବିଜେପି ପୁରୁଣା ଚେହେରାକୁ ସୁଯୋଗ ଦେବେ କି ନୂଆ ମୁହଁ ଦେଖିବାକୁ ମିଳିବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ନିଶ୍ଚିତ। ୨୦୦୯ରେ ପ୍ରଥମ ଥର ଗୋବିନ୍ଦ ବିଜେପି ଟିକଟରୁ ବଞ୍ଚିତ ହେବା ପରେ ସ୍ୱାଧୀନ ଭାବେ ଛିଡା ହୋଇ୨୫ ହଜାର ଭୋଟ ପାଇଥିଲେ, ଯାହାକି ଦଳୀୟ ପ୍ରାର୍ଥୀଙ୍କ ଠାରୁ ଅଧିକ ଥିଲା। ୨୦୧୪ରେ ୭୦ ହଜାର ୯ଶହ ଭୋଟ ପାଇଁ ସେ ବିଧାୟକ ହୋଇଥିବା ବେଳେ ୨୦୧୯ରେ ୭୫ ହଜାର ଭୋଟ ପାଇଥିଲେ ବି ହାରିଯାଇଥିଲେ। ଚଳିତ ନିର୍ବାଚନରେ ବିଜେପି ମଧ୍ୟ ରେମୁଣାରେ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ମନ ବଳାଉଥିବା ଶୁଣିବାକୁ ମିଳିଛି। ଏଭଳି ସ୍ଥିତିରେ ବିଜୟ ସେଠୀ ପ୍ରମୁଖ ଦାବିଦାର ହୋଇଥିବା ବେଳେ ଗୋବିନ୍ଦ ବିଦ୍ରୋହୀ ପ୍ରାର୍ଥୀଭାବେ ଛିଡା ହେବାରେ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

- ଏକ ଡିସିମିଲ ଜମି ଦେଇଥିଲେ ସରକାର

# ଘର ଭାଙ୍ଗିଦେଲେ ଆରଆଇ

**ବାଲେଶ୍ୱର, ୨୨।୧୧(ସମିସ):** ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲ ଅନ୍ତର୍ଗତ ଭୀମପୁରା ପଞ୍ଚାୟତ କନ୍ୟା ନଗରୀ ସାହିରେ ବାସନ୍ତୀ ଦାସଙ୍କୁ ସରକାର ଏକ ଡିସିମିଲ ଜମି ଗୋଚର ପଡ଼ିଆରେ ଦେଇଥିଲେ। ମାତ୍ର ତହସିଲଦାରଙ୍କ ନିର୍ଦ୍ଦେଶରେ ବାସନ୍ତୀଙ୍କ ଘରକୁ ଆରଆଇ ଭାଙ୍ଗି ଧୂଳିସାତ କରିଦେଇଛନ୍ତି। ଏ ବାବଦରେ ଅଭିଯୋଗ କରିବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବାସନ୍ତୀ ବାରମ୍ବାର ଆସୁଥିବାର ଦେଖାଯାଇଛି। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାସନ୍ତୀକୁ ଦିଆଯାଇଥିବା ପ୍ଲଟରେ ପୁରୀରୁ ଆସି ବାଲେଶ୍ୱର କଚେରୀ ବଜାରରେ ଚା' ଦୋକାନ କରିଥିବା ଜନୈକା ମହିଳାଙ୍କୁ ମଧ୍ୟ ୩ ଡିସିମିଲ୍ ଜାଗା ଦିଆଯାଇଛି। ଗତକାଲି ହଠାତ୍ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଓ ଆରଆଇଙ୍କ ଉପସ୍ଥିତିରେ ବାସନ୍ତୀଙ୍କ ଘରକୁ ଭାଙ୍ଗି ଧୂଳିସାତ୍ କରିଦିଆଯାଇଛି। ମନୁ ଦାସଙ୍କ ପତ୍ନୀ ବାସନ୍ତୀ ନିଜ ଏହି ଘରେ ଦୀର୍ଘବର୍ଷ ହେଲା ରହୁଥିବା ବେଳେ ୫୦ବର୍ଷ ହେଲା ମନୁ ଓରଫ୍ ମନୋରଞ୍ଜନ ନିଜ ପିତାମାତାଙ୍କ ସହ ରହି ଆସୁଥିଲେ। ସରକାର ମୋ ଜମି ମୋ ପଟ୍ଟା ଯୋଜନାରେ ପୁରୀରୁ ଆସି ବାଲେଶ୍ୱର ସହରରେ ଚା' ଦୋକାନ କରିଥିବା ଜନୈକା ମହିଳାଙ୍କୁ କିଭଳି ଓ କେଉଁ ପରିସ୍ଥିତିରେ ଜମିଦେଲେ ଓ ତାଙ୍କର ପୁରୀରେ ଜମି ଅଛି କି ନାହିଁ ସେକଥା ଆରଆଇ ତଦନ୍ତ ନ କରି ଗମ୍ଭାରିଆ ମୌଜାର ଖାତା ନଂ ୨୯୦ ଓ ପ୍ଲଟ୍ ନଂ ୫୭ରେ କିଭଳି ଜମି ଦେଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାସନ୍ତୀ ଦାସ ପୂର୍ବରୁ ଉପଜିଲ୍ଲାପାଳଙ୍କୁ ଭେଟି ନିଜ ଗୁହାରି ଜଣାଇବାକୁ ଆସିଥିଲେ ମଧ୍ୟ ଉପଜିଲ୍ଲାପାଳ କୁଆଡେ ତାଙ୍କୁ ପୂର୍ବରୁ ଭେଟି ନ ଥିଲେ। ତେବେ ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଆଜି ମଧ୍ୟ ବାସହୀନ ହୋଇ ବିକଳାଙ୍ଗ ସ୍ୱାମୀକୁ ଧରି ବାସନ୍ତୀ ଉପଜିଲ୍ଲାପାଳଙ୍କୁ ଭେଟିବାକୁ ଆସିଥିବା ଦେଖିବାକୁ ମିଳିଥିଲା।

## ଅଧ୍ୟାପକ କିଶୋର ଗାନ୍ଧୀଙ୍କ ପୁସ୍ତକ ଉନ୍ମୋଚିତ

**ବାଲେଶ୍ୱର, ୨୨।୧୧(ସମିସ):** 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ପକ୍ଷରୁ ପ୍ରକାଶିତ ଅବସରପ୍ରାପ୍ତ ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ କିଶୋର ଗାନ୍ଧୀଙ୍କ ଲିଖିତ ଚାରିଖଣ୍ଡ ପୁସ୍ତକର ପାଠକାର୍ପଣ ଉତ୍ସବ ଷ୍ଟେସନ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ଡ.ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଡ. ମଥୁରାନାଥ ହୋତା, ଡ. ଅରବିନ୍ଦ ଗିରି, ସୌରିନ୍ଧ୍ରୀ ସାହୁ, ଅଭୟ ଦାସ ପ୍ରମୁଖ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରି ପୁସ୍ତକରେ ସ୍ଥାନିତ ଗଳ୍ପ ଗୁଡ଼ିକ ପାଠକର ଯେଭଳି ମନଛୁଆଁ ଓ ଶିକ୍ଷଣୀୟ ସେହିଭଳି ସୁଖପାଠ୍ୟରେ ପରିପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଉନ୍ମୋଚିତ ପୁସ୍ତକ ମଧ୍ୟରେ ରହିଛି ଇଂରାଜୀରେ 'ମନୋଜ ଦାସ ଏରିଡାଇସ୍ ରେସପନ୍ସ', ଓଡ଼ିଆରେ ଗଳ୍ପ ସଂକଳନ 'ଗାଁ ପୋଖରୀର ବିଳାପ', 'ବୋଉ, 'ଆହତ ସ୍ୱର ଓ ଅନ୍ୟାନ୍ୟ ଗଳ୍ପ' ନାମକ ପୁସ୍ତକ ରହିଛି। ଲେଖକ ଅଧ୍ୟାପକ କିଶୋର ଗାନ୍ଧୀ ନିଜର ଲେଖକୀୟ ଅଭିବ୍ୟକ୍ତି

# ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ବାଲେଶ୍ୱର, ୨୨।୧୧(ସମିସ):** ରାଜ୍ୟ ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧୀନରେ ବାଲେଶ୍ୱର ମିଶନ ହାଇସ୍କୁଲ ପଡ଼ିଆରେ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଏବଂ କୁନ୍ତଳା କୁମାରୀ ସାବତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା



ଡ. ସୁବ୍ରତା ଦେବାଙ୍ଗନା ଏହି କ୍ରୀଡ଼ା ଉତ୍ସବକୁ ଉଦଘାଟନ କରି ସୁସ୍ଥ ଓ ନିରାମୟ ଜୀବନ ପାଇଁ କ୍ରୀଡ଼ାର ଗୁରୁତ୍ୱ ରହିଛି। ଉଚ୍ଚ ମାଧ୍ୟମିକ ବିଭାଗର ନୋଡାଲ ଅଧିକାରୀ ଅଧ୍ୟାପକ ଡ ପ୍ରଦୋଷ କୁମାର ଜେନା ଓ କ୍ରୀଡ଼ା ବିଭାଗ ମୁଖ୍ୟ ନାରାୟଣ ସୁରଜିତ ବେହେରା, ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ନୋଡାଲ ଅଧିକାରୀ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପାତ୍ର ଏବଂ କ୍ରୀଡ଼ା ବିଭାଗ ମୁଖ୍ୟ ଡ.ମନୋଜ କୁମାର ସେଠୀ କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ। ସମୁଦାୟ ୧୪ଟି ବିଭାଗର ଖେଳରେ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପାସାଙ୍କ ସମେତ ୮ଜଣିଆ ଟିମ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ଅଧ୍ୟାପିକାମାନଙ୍କ ମଧ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ପ୍ରଶାସନିକ ଅଧିକାରୀ ଡ. ସଞ୍ଜୟ କୁମାର ସ, ଡ. ନିରୋଜ ସେଠୀ, ଡ. ସୁବ୍ରତ ବିଶ୍ୱାଳ, ତପସ୍ୱିନୀ ମହାଳିକ, ଡ. ଶୁଭସ୍ମିତା ମିଶ୍ର, ଡ ରିଙ୍କି ବେହେରା, ସାଲିନୀ ସେଠୀ, ଜ୍ୟୋତିରେଖା ଭୂୟାଁ, ରାଜେଶ୍ୱରୀ କୁଣ୍ଡୁ, ଡ. ସବିତା ଦାସ, ରେଣୁବାଳା ସୁନ୍ଦରାୟ, ଡ. ପୂର୍ବାଶା କର, ହରିଶଙ୍କର ପାଣି, ରବୀନା ମଲ୍ଲିକ, ଜୟସ୍ମିତା ରାଉତ, ସୁଭଦ୍ରା ବେହେରାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଡ. ବେହେରା ଏବଂ ଡ.ସେଠୀ ଧନ୍ୟବାଦ ଦେଇଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରସ୍ତୁତି ବୈଠକ

**ବାଲେଶ୍ୱର, ୨୨।୧୧(ସମିସ):** ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶନାମାକୁ ଆଧାର କରି କ୍ରୀଡା, ସଂସ୍କୃତି ଓ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଯୁବବର୍ଗଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଓ ସେମାନଙ୍କୁ ରାଜ୍ୟ ବିକାଶରେ ଅଂଶୀଦାର କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର 'ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ' (ଆଇୱାଇଡିପି) ଅଧୀନରେ ଆରମ୍ଭ କରିଥିବା ନୂତନ ଯୋଜନା ଅନୁସାରେ ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, କୁଳସଚିବ କୁକୁମୀନା ଦାସ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମ ସମ୍ପର୍କିତ ସମସ୍ତ ତଥ୍ୟ, ମାର୍ଗଦର୍ଶିକାରେ ଉଲ୍ଲେଖ ସୂଚନାଗୁଡିକୁ ବୁଝାଇ କହିଥିଲେ। ବୈଠକରେ ବିଶ୍ୱବିଦ୍ୟାଳୟ ସମସ୍ତ ବିଭାଗ ମୁଖ୍ୟ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଛାତ୍ରଛାତ୍ରୀମାନଙ୍କୁ ସକାରାତ୍ମକ ପରାମର୍ଶ ଓ ଚିନ୍ତାଧାରାକୁ ଜଣାଇବା ପାଇଁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଜାତୀୟ ସେବା ଯୋଜନାର ବ୍ୟୁରୋ ସଂଯୋଜକ ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ସଞ୍ଚାଳନ କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




ଯୁବ ପ୍ରତିଭା

# ବ୍ରିଜେଶଙ୍କ କାନ୍‌ଭାସ୍ ଓ କ୍ୟାମେରାରେ ଥାଏ 'ପ୍ରକୃତି'





ବାଲେଶ୍ୱର, ୨୨।୧୧(ସମିସ):

- ଝାଡ଼ଖଣ୍ଡରେ ଘର, ଓଡ଼ିଶାରେ କଳାଶିକ୍ଷା
- ପ୍ରକୃତି ଓ ଆଦିବାସୀ ସଂସ୍କୃତି ଓ ପ୍ରକୃତିକ ସୌନ୍ଦର୍ଯ୍ୟକୁ ନେଇ କରନ୍ତି ଚିତ୍ର

ଘର ଝାଡ଼ଖଣ୍ଡରେ ହେଲେ ଚିତ୍ରର ଶିକ୍ଷା ଗ୍ରହଣ କରୁଛନ୍ତି ଓଡ଼ିଶାରେ। ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଚିତ୍ର ବିଭାଗର ଛାତ୍ର। ନିଜର ଚିତ୍ର ପାଇଁ ସେ ଯେତିକି ପରିଚିତି ଫଟୋଗ୍ରାଫି ପାଇଁ ମଧ୍ୟ ସମସ୍ତେ ତାଙ୍କୁ ବେଶ ପ୍ରଶଂସା କରନ୍ତି। ଚାଇନିଜ୍ ଫୁଲ ହେଉ ଅବା ମୟୂର, ମନ୍ଦିର ହେଉ ଅବା ବିଭିନ୍ନ ପର୍ଯ୍ୟଟନ ସ୍ଥଳର ଜଙ୍ଗଲର ସୁନ୍ଦରତା... ଏସବୁକୁ ବେଶ୍ ନିଖୁଣ ଭାବେ ରଙ୍ଗ ତୂଳୀରେ ମାଧ୍ୟମରେ ସେ ସଜେଇ ପାରନ୍ତି। ବିଶେଷକରି ପ୍ରକୃତିର ସୌନ୍ଦର୍ଯ୍ୟତାକୁ ସେ ନିଜ କାନଭାସ୍‌ରେ ସ୍ଥାନ ଦିଅନ୍ତି। ସେ ଜଣେ ଚିତ୍ରଶିଳ୍ପୀ ଏବଂ ଫଟୋଗ୍ରାଫର୍ ମଧ୍ୟ। ଫଟୋରେ ମଧ୍ୟ ପ୍ରକୃତିର ବିଭିନ୍ନ ସମୟ ଓ ସୁନ୍ଦରତାକୁ କଏଦ କରନ୍ତି। ସେ ହେଉଛନ୍ତି ଜଣେ ଯୁବ ଚିତ୍ରଶିଳ୍ପୀ ତଥା ଚିତ୍ରକଳା ଛାତ୍ର ବ୍ରିଜେଶ ପ୍ରଧାନ। ଏକ୍ରେଲିକ କଲର୍ ବ୍ୟବହାର କରନ୍ତି ତିଆରି କରନ୍ତି ଜୀବନ ଜୀବିକା। ବ୍ରିଜେଶଙ୍କ କାନଭାସ୍ ଓ କ୍ୟାମେରାରେ କଏଦ ହୁଏ ପ୍ରକୃତି। ପୋଟରେଟ୍ ପାଇଁ ମଧ୍ୟ ତାଙ୍କୁ ଅର୍ଡର ଆସେ। ଏହାବ୍ୟତୀତ ସେ ଫଟୋଗ୍ରାଫି ମଧ୍ୟ କରନ୍ତି। କୋଭିଡ୍ ପୂର୍ବରୁ ଏକ କ୍ୟାମେରା କିଣି ଫଟୋ ଉଠାଉଥିଲେ। କୋଭିଡ୍ ସମୟରେ ମଡେଲ ଫଟୋ ସୁଟ୍ ମଧ୍ୟ କରିଥିଲେ। ତା'ପରେ ଧିରେ ଧୀରେ ଏହାର ସେଟ୍ ଅପ୍ ବଢ଼ାଇ ମଡେଲ ସହ ୱେଡିଙ୍ଗ୍ ଫଟୋଗ୍ରାଫି କରୁଛନ୍ତି ବ୍ରିଜେଶ। ସୂଚନାଯୋଗ୍ୟ, ଝାଡ଼ଖଣ୍ଡରରେ ରହୁଥିବା ଭକ୍ତ ପ୍ରଧାନ ଓ ରୀତା ପ୍ରଧାନଙ୍କ ବଡ଼ ପୁଅ ବ୍ରିଜେଶ ପ୍ରଧାନ। ବ୍ରିଜେଶଙ୍କ ସାନ ଭାଇ ହରିୟାଣାରେ ବକ୍ସର୍ ଅଛନ୍ତି। ବ୍ରିଜେଶ ଓଡ଼ିଶାର ବାଲେଶ୍ୱର ସହରର ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ପେଣ୍ଟିଙ୍ଗ୍ ବିଭାଗରେ ମାଷ୍ଟର ଡିଗ୍ରୀ କରୁଛନ୍ତି। ଷଷ୍ଠ ଶ୍ରେଣୀରୁ ବ୍ରିଜେଶ ଚିତ୍ର କରିବା ଆରମ୍ଭ କରିଥିଲେ। ମାତ୍ର ସେତେବେଳେ ଚିତ୍ରକୁ ନେଇ କୌଣସି ଶିକ୍ଷା ଗ୍ରହଣ କରିନାହାଁନ୍ତି। ଯୁକ୍ତ ଦୁଇ ପାସ୍ କରିବା ପରେ ବ୍ରିଜେଶ ଚିତ୍ରକୁ ନେଇ ପାଠ ପଢ଼ିବାକୁ ଇଚ୍ଛା କରିଥିଲେ। ତାଙ୍କୁ ବାଲେଶ୍ୱର କଳାକ୍ଷେତ୍ରରେ ନାମ ଲେଖାଇବାର ସୁଯୋଗ ମିଳିଥିଲା। ବର୍ତ୍ତମାନ ବ୍ରିଜେଶ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ପେଣ୍ଟିଙ୍ଗ୍ ବିଭାଗରେ ମାଷ୍ଟର ଡିଗ୍ରୀ କରୁଛନ୍ତି। ଡିଗ୍ରୀ କରିବା ସମୟରେ ବ୍ରିଜେଶ ଆଦିବାସୀ ସମ୍ପ୍ରଦାୟର ସଂସ୍କୃତିକୁ ନେଇ ଅନେକ ଚିତ୍ର ଆଙ୍କିଛନ୍ତି। ତେବେ ଚଳିତବର୍ଷ ଜୁଲାଇ ମାସରେ ବ୍ରିଜେଶ କଲେଜ ତରଫରୁ ୧୫ ଦିନିଆ କ୍ୟାମ୍ପ୍ ପାଇଁ ମେଘାଳୟ ଯାଇଥିଲେ। ସେଠାରେ ପ୍ରକୃତିକୁ ନେଇ ଚିତ୍ର ଆଙ୍କି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ପରଠୁ ବ୍ରିଜେଶ କେବଳ ପ୍ରକୃତିକୁ ନେଇ କାନଭାସରେ ଅନେକ ଚିତ୍ର ଆଙ୍କିବା ଆରମ୍ଭ କରିଛନ୍ତି। ସେହିପରି ଭୁବନେଶ୍ୱରର ଲଳିତକଳା ଏକାଡେମୀରେ ଅଂଶଗ୍ରହଣ କରି ସ୍ୱଚ୍ଛ ଭାରତ ଉପରେ ଚିତ୍ର କରି ପ୍ରଦର୍ଶିତ କରିଥିଲେ। ଏଥିସହିତ କଲେଜର ପ୍ରଦର୍ଶନୀରେ ଭାଗ ନେଇଛନ୍ତି। ଏ ସବୁଥିରେ ବ୍ରିଜେଶ ଅନେକ ପୁରସ୍କାର ମଧ୍ୟ ହାସଲ କରିଛନ୍ତି। 'ମେଘାଳୟରେ ୧୫ ଦିନ ଧରି ପ୍ରକୃତିକୁ ନେଇ ଅନେକ କାମ କରିଛି। ଅନେକ ଚିତ୍ର କରିଛି। ତା'ପରଠୁ ମୋତେ ପ୍ରକୃତିକୁ ନେଇ ଚିତ୍ର ଆଙ୍କିବାକୁ ଭଲ ଲାଗିଲା। ଏବେ ମୋ ଶୈଳୀରେ ପ୍ରକୃତିକୁ ନେଇ ଅନେକ ଚିତ୍ର ଆଙ୍କିଛି। ଆଗକୁ ମୋର ଏହି ଚିତ୍ର ଜାରି ରହିବ। କାରଣ ଏହା ମୋର ପେସନ୍। ଭବିଷ୍ୟତରେ ଜଣେ ଭଲ ଚିତ୍ରଶିଳ୍ପୀ ହେବାର ଲକ୍ଷ୍ୟ ରଖିଛି' ବୋଲି ବ୍ରିଜେଶ କହିଛନ୍ତି।

**ମେଡିକାଲରେ ଏକ୍ସପାୟରୀ ଅଗ୍ନି ନିର୍ବାପକ ସିଲିଣ୍ଡର ଝୁଲିବା ଘଟଣା**

# ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳଙ୍କ କାରଣଦର୍ଶାଅ ନୋଟିସ୍

**'ସକାଳ'ରେ ପ୍ରକାଶ ପାଇଥିଲା ଖବର**

**ବାହାନଗା, ୨୨।୧୧(ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସପାୟରୀ ଅଗ୍ନି ନିର୍ବାପକ ସିଲିଣ୍ଡର ଝୁଲିବା ଘଟଣାରେ ବାଲେଶ୍ୱର ଜିଲ୍ଲାପାଳ ଗୋପାଳପୁର ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି। ଖବର ଅନୁସାରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାହାନଗା ବ୍ଲକ ସମେତ ରେମୁଣା ବ୍ଲକର ବହୁ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ହେଲେ ଏଠାରେ ସୁରକ୍ଷା ବ୍ୟବସ୍ଥା ଢ଼ିଲା ଥିବା ଜଣାପଡ଼ିଥିଲା। ଏମିତି କି ଗତ ଅକ୍ଟୋବର ୩୧ତାରିଖ ଠାରୁ ଅଗ୍ନି ନିର୍ବାପକ ସିଲିଣ୍ଡର ଏକ୍ସପାୟରୀ ହୋଇଥିବା ବେଳେ ତାହା ସେମିତି ମେଡ଼ିକାଲରେ ଝୁଲୁଥିଲା। ଏହା ସକାଳ ପ୍ରତିନିଧିଙ୍କ ନଜରକୁ ଆସିଥିଲା। ୧୭ ତାରିଖ ଦିନ ସକାଳ ଖବର କାଗଜରେ 'ଭଗବାନଙ୍କ ଭରସାରେ ସୁରକ୍ଷା ବ୍ୟବସ୍ଥା, ମେଡ଼ିକାଲରେ ଝୁଲୁଛି ଏକ୍ସପାୟରୀ ଅଗ୍ନି ନିର୍ବାପକ ସିଲିଣ୍ଡର' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ତତ୍ପରତା ଦେଖାଇଥିଲେ ମେଡ଼ିକାଲ କର୍ତ୍ତୃପକ୍ଷ। ଖବର ପ୍ରକାଶର କିଛି ଘଣ୍ଟା ମଧ୍ୟରେ ଏଜେନ୍ସିକୁ ଡକାଇ ଏକ୍ସପାୟାରୀ ଅଗ୍ନି ନିର୍ବାପକ ସିଲିଣ୍ଡରକୁ ହଟାଇ ନୂତନ ସିଲିଣ୍ଡର ଲଗାଯାଇଥିଲା। ଏବାବଦରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭାଗୀୟ ଅଧିକାରୀଙ୍କୁ 'ସକାଳ' ଖବର କାଗଜର ନ୍ୟୁଜ କ୍ଲିପିଂ ସହ କେଉଁ କାରଣରୁ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରି ଏକ୍ସପାୟରୀ ଅଗ୍ନି ନିର୍ବାପକ ସିଲିଣ୍ଡର ଲଗାଯାଇଥିଲା ତାହାର କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ତୁରନ୍ତ ତାହାର କାରଣ ଦର୍ଶାଇ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

**● ଚୋରି କରି ଧରାପଡ଼ିଲା ଯୁବକ**

# ଶ୍ରମଦାନ କରି ଗିରଫ ହେବାରୁ ରକ୍ଷା ପାଇଲା



**ବାଲେଶ୍ୱର, ୨୨।୧୧(ସମିସ):** ନୋ ଏଫଆଇଆର, ଫଇସଲା ଅନ ଦି ସ୍ପଟ। ଏହା କୌଣସି ଚଳଚିତ୍ରର ସଂଳାପ ନୁହେଁ। ବରଂ ଏହା ଏକ ନିଛକ ଘଟଣା। ବୁଧବାର ଦିନ ୧୧ଟା ସମୟରେ ସହଦେବଖୁଣ୍ଟା ଥାନା ଅଧୀନ ହରିପୁର ପଞ୍ଚାୟତର ହରିପୁର ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଗତ ତିନିଦିନ ତଳେ ରାତ୍ରି ସମୟରେ ଜନୈକ ଭଦ୍ର ବ୍ୟକ୍ତିଙ୍କ ନିର୍ମାଣଧୀନ ଘର ପାଖରେ ଥିବା ଗୋଦାମରୁ କିଛି ରଡ଼ ଚୋରି ହେଇଥିଲା। ସିସିଟିଭି ଫୁଟେଜରୁ ଘର ମାଲିକ ଜାଣିପାରି ସ୍ଥାନୀୟ ଲୋକଙ୍କୁ ଚୋରକୁ ଧରିବା ପାଇଁ ଲଗାଇ ଦେଇଥିଲେ। ଲୋକମାନେ ଚୋରର ସନ୍ଧାନ କରୁଥିଲେ। ମାତ୍ର ଚୋରର ଭାଗ୍ୟ ଖରାପ ଥିଲା ବୋଧେ, ଆଜି ସେହି ଘର ବାଟ ରାସ୍ତାରେ ଯୁବକ ଜଣକ ଚାଲି ଚାଲି ଯାଉଥିବା ବେଳେ ଘର ମାଲିକ ଯୁବକକୁ ଧରିନେଇ ଚୋରି ସମ୍ପର୍କରେ ପଚାରିଥିଲେ। ଯୁବକ ଜଣକ ମଧ୍ୟ ଚୋରି କରିଥିବା ସ୍ୱୀକାର କରି ନେଇଥିଲା। ତେବେ ସେ ଚାଉମିନ ଖାଇବା ପାଇଁ ରଡ ଚୋରି କରିଥିବା ବେଳେ କବାଡିଆକୁ ବିକ୍ରି କରି ୨୫୦ଟଙ୍କା ଆଣି ଚାଉମିନ ଖାଇଦେଇଛି ଓ ବଳକା ଅର୍ଥ ଖର୍ଚ୍ଚ କରିଦେଇଛି। ଟଙ୍କା କି ରଡ଼ ଫେରି ପାଇବାର ଆଶା ଛାଡି ଘର ମାଲିକ ଚୋରକୁ ଥାନାରେ ନ ଦେଇ କହିଥିଲେ, ଆଜି ତାଙ୍କ ଇଟା ବୋହି ଥାକ କରିବାକୁ। ଯୁବକ ଗିରଫ ହେଇଯିବା ଭୟରେ ରାଜି ହୋଇ ପାଞ୍ଚ ଶହ ଇଟା ଗୋଟିଏ ସ୍ଥାନରୁ ବହି ଆଣି ଅନ୍ୟତ୍ର ଥାକ କରି ରଖିଥିଲା। ତେଣୁ ସମ୍ପୃକ୍ତ ଚୋର ବିରୁଦ୍ଧରେ ଘର ମାଲିକ ଆଉ ଥାନାରେ ଏତଲା ଦେଇ ନ ଥିଲେ। ଶେଷରେ ଯୁବକ ଜଣଙ୍କ ଆଉ ଚୋରି କରିବ ନାହି ବୋଲି ମା'ତାରିଣୀଙ୍କ ନାମରେ ଶପଥ ନେବାରୁ ଘରମାଲିକ ତାକୁ ଛାଡି ଦେଇଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

**ସୋର, ୨୨।୧୧(ସମିସ):** ସୋର ଅବକାରୀ ବିଭାଗ ତରଫରୁ ତଳ ନଗର ନିକଟରେ ଚଢ଼ଉ କରି ଗଞ୍ଜେଇ ଜବତ କରିଥିବା ବେଳେ ଜଣକୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଚଢ଼ଉ କରି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଚାରି ପୋଖରୀଆ ଗ୍ରାମର କରୁଣାକର ରାଉତ ନିକଟରୁ ୪ କିଲୋ ଗଞ୍ଜେଇ ଜବତ କରିବା ସହିତ କରୁଣାକରକୁ ଗିରଫ କରିଥିଲେ। କରୁଣାକର ବସରେ ଗଞ୍ଜେଇ ଧରି ଆସି ସୋର ବସଷ୍ଟାଣ୍ଡରେ ଓହ୍ଲାଇ ଚାଲି ଚାଲି ଯାଉଥିବା ବେଳେ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରି କରୁଣାକରକୁ ଗିରଫ କରାଯାଇଛି।

## ଜମିରେ ପାଣି ମଡ଼ାଇବାକୁ କେନ୍ଦ୍ରକରି ଗଣ୍ଡଗୋଳ

**ଘାସମରା ଔଷଧ ପକାଇ ଦୁଇ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ**



**ବସ୍ତା/ରୂପସା, ୨୨।୧୧(ସମିସ):** ରୂପସା ଥାନା ଅଧୀନସ୍ଥ ଜାମୁନିଆ ମୌଜାରେ ଜମିରେ ପାଣି ମଡ଼ାଇବାକୁ କେନ୍ଦ୍ରକରି ଦୁଇ ଚାଷୀ ମଧ୍ୟରେ ପ୍ରଥମେ ବଚସା ଓ ପରେ ଘାସମରା ଔଷଧ ପକାଇ ଦୁଇ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ କରିବାରୁ କ୍ଷତିଗ୍ରସ୍ତ ଚାଷୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାରୁ ପ୍ରକାଶ ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ହବିଗଞ୍ଜ ଗ୍ରାମ ହରିଶ୍ଚନ୍ଦ୍ର ସାହୁଙ୍କର ଜମିକୁ ବୈଶିଙ୍ଗା ଥାନା ଭଗବାନପୁର ଗ୍ରାମର ମଙ୍ଗଲ ବାସ୍କେ ଭାଗ ସୂତ୍ରରେ ନେଇ ଚାଷ କରିଥିଲେ। ଉକ୍ତ ଜମି ପାର୍ଶ୍ୱରେ ହରିଶ୍ଚନ୍ଦ୍ରଙ୍କ ପୁତୁରା ଗୌରହରି ସାହୁଙ୍କ ଜମିରୁ ପାଣିନେଇ ମଙ୍ଗଲ ଚାଷ ଜମିରେ ମଡ଼ାଇଥାନ୍ତି। ମାତ୍ର ଗୌରହରି ମଙ୍ଗଲଙ୍କ ଚାଷ ଜମିକୁ ପାଣି ନଛାଡ଼ିବାରୁ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ସହ ଗଣ୍ଡଗୋଳ ହୋଇଥିଲା। ଗୌରହରି ମଙ୍ଗଲଙ୍କୁ ଉକ୍ତ ଜମିରେ ଚାଷ ନ କରି ଓହରିଯିବା ପାଇଁ ଧମକ୍ ଦେଇଥିଲେ। ମାତ୍ର ଏଥିରେ ଅରାଜି ହେବାରୁ କ୍ରୋଧିତ ହୋଇ ଗୌରାଙ୍ଗ ମଙ୍ଗଲଙ୍କ ଜମିରେ ଘାସମରା ବିଷ ପକାଇ ଫସଲ ନଷ୍ଟ କରିଦେଇଥିଲେ। ଏ ନେଇ ମଙ୍ଗଲ ରୂପସା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଯୁବତୀଙ୍କୁ ଦୁଷ୍କର୍ମ; ଧରମ ବାପା ଗିରଫ

**ଜଳେଶ୍ୱର/ଦହମୁଣ୍ଡା, ୨୨।୧୧(ସମିସ):** ଧରମ ଝିଅକୁ ଦୁଷ୍କର୍ମ ଅଭିଯୋଗରେ ଧରମ ବାପା ଗିରଫ। ସୂଚନା ଅନୁଯାୟୀ ଜଳେଶ୍ୱର ପୁଲିସ ଗତକାଲି ରାତିରେ ଧରମ ଝିଅକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଭୋଗରାଇ ବ୍ଲକ ଉଲୁଡ଼ା ଅଞ୍ଚଳର ଅନନ୍ତ ପ୍ରଧାନ ନାମକ ବ୍ୟକ୍ତିକୁ ଗିରଫ କରିଛି। ସୂଚନାରୁ ପ୍ରକାଶ ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଞ୍ଚଳର ଜଣେ ଯୁବତୀ ଉଲୁଡ଼ା ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ରହି ରୋଷେଇବାସ କରୁଥିଲେ। ସେହି ଘରର ଜଗୁଆଳି ଭାବେ ଅନନ୍ତ ନିୟୋଜିତ ଥିଲେ। ଅନନ୍ତ ଓ ଉକ୍ତ ଯୁବତୀ ଗୋଟିଏ ଘର ଭିତରେ ରହୁଥିବାରୁ ଉଭୟଙ୍କ ମଧ୍ୟରେ ଧରମ ବାପ-ଝିଅ ସମ୍ପର୍କ ଗଢ଼ିଉଠିଥିଲା। ହେଲେ ତାଙ୍କ ଇଚ୍ଛା ବିରୋଧରେ ଅନନ୍ତ ତାଙ୍କୁ ବାରମ୍ବାର ଦୀର୍ଘ ୪ ମାସ ଧରି ଦୁଷ୍କର୍ମ କରୁଥିଲେ। ଅନନ୍ତଙ୍କ ଏପରି ଆଚରଣରେ ଅତିଷ୍ଠ ହୋଇ ଯୁବତୀ ଜଣକ ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଇଲାକାରେ ଥିବା ନିଜ ଘରକୁ ଚାଲି ଆସିଥିଲେ। ଆଉ ଗତକାଲି ନିଜ ବାପାଙ୍କ ସହ ଜଳେଶ୍ୱର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜଳେଶ୍ୱର ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଅନନ୍ତକୁ ଗିରଫ କରିଛି।

## କଂଗ୍ରେସର କର୍ମୀ ସମାବେଶ

**ବାଲିଆପାଳ, ୨୨।୧୧(ସମିସ):** କଂଗ୍ରେସର ବସ୍ତା ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମାବେଶ ବାଲିଆପାଳ ବ୍ଲକ ଛକ ସ୍ଥିତ ଶୁଭମ ଗେଷ୍ଟହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବ୍ଲକର ବରିଷ୍ଠ କଂଗ୍ରେସ ନେତା ଦୁର୍ଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମାବେଶରେ ଜଳେଶ୍ୱର ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ଜିଲା କଂଗ୍ରେସ ସଭାପତି ସଂଜୀବ ଗିରି, ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ, ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ବାଲିଆପାଳ ବ୍ଲକ କଂଗ୍ରେସର ବରିଷ୍ଠ ନେତା ମୁରଲୀମୋହନ ସାହୁ, ଜଗନ୍ନାଥ ବିଶ୍ୱାଳ, ପ୍ରଫୁଲ ସାହୁ, ଦେବ କୁମାର ଦେ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ, ଜିଲାପରିଷଦ ସଦସ୍ୟ ବାବାଜୀ ଦେହୁରୀ, ବ୍ରଜକିଶୋର ଭୂୟାଁ ପ୍ରମୁଖ ମଞ୍ଚାସୀନ ହୋଇ ଉପସ୍ଥିତ କର୍ମୀଙ୍କୁ ଉତ୍ସାହିତ କରିଥିଲେ।

## ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଜଳେଶ୍ୱର ବ୍ଲକ, ୨୨।୧୧(ସମିସ):** ଜଳେଶ୍ୱର ଉତ୍କଳ ସମ୍ମିଳନୀର ବରିଷ୍ଠ ଉପସଭାପତି ଅରୁଣ କୁମାର ବେଜଙ୍କର ୬୪ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ତାଙ୍କର ଅକାଳ ବିୟୋଗରେ ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖା ପକ୍ଷରୁ ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର, କେନ୍ଦ୍ରୀୟ ସମ୍ପାଦକ କମଳ ଚକ୍ରବର୍ତ୍ତୀ, ଶାଖା ସମ୍ପାଦକ ସୁନିଲ ନାୟକ, ସଂଗଠନ ସମ୍ପାଦକ ମନୋରଞ୍ଜନ ଦାସ, ସହସମ୍ପାଦକ ହେମନ୍ତ ଗିରି, ଉପସଭାପତି ଅଶୋକ ଦାସ, କୋଷାଧ୍ୟକ୍ଷ ଡ. ଅଜିତ ମହାନ୍ତି, ବରିଷ୍ଠ ସଦସ୍ୟ ଦିଲ୍ଲୀପ ଗିରି, ଉପଦେଷ୍ଟା ସୁଦର୍ଶନ ଦାସ ପ୍ରମୁଖ ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ଜଳେଶ୍ୱର ବ୍ଲକ, ୨୨।୧୧(ସମିସ):** ନାମ୍ପୋ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣକୃଷ୍ଣ ଦେଙ୍କର ମଙ୍ଗଳବାର ନିଜ ବାସଭବନରେ ୯୯ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଶ୍ରୀଜଗନ୍ନାଥ ହାଇସ୍କୁଲର ସାହିତ୍ୟ ଶିକ୍ଷକଭାବେ ଦୀର୍ଘବର୍ଷ କାମ କରି ୧୯୮୫ ମସିହାରେ ଅବସର ଗ୍ରହଣ କରିଥିଲେ। ପରେ ଜଣେ ଗ୍ରାମୀଣ ବିଚାରକ, ଅନୁଷ୍ଠାନ ପ୍ରେମୀ, ସୁସଂଗଠକ, ମେଳାପୀ, ପୁରାଣକାରଭାବେ ପରିଚିତ ହୋଇଥିଲେ। ଗତ ୨ମାସ ତଳେ ପ୍ରାଣକୃଷ୍ଣ ଦେଙ୍କ ପତ୍ନୀଙ୍କର ପରଲୋକ ହୋଇଥିବା ବେଳେ ମଙ୍ଗଳବାର ତାଙ୍କର ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ଡାକ୍ତର ନୀଳକାନ୍ତ ଓ ହିମାଂଶୁ, ବୋହୂ ଶାନ୍ତିଲତା ଓ ତୃପ୍ତିଲତା, ନାତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଶେଷ ଦର୍ଶନ ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, କବି ବଙ୍କିମଚନ୍ଦ୍ର ଦାସ, ବାଞ୍ଛାନିଧି ମହାନ୍ତି, ତନୁଜ ଜେନା, ସୁଶିଲ ପରିଡ଼ା, ଗ୍ରାମର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ଜ୍ୟୋଷ୍ଠପୁତ୍ର ନିଳକାନ୍ତ ଗ୍ରାମ୍ୟ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ।

**● ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ**

# ଘରୋଇ ନର୍ସିଂହୋମ୍ ସମ୍ମୁଖରେ ଉତ୍ତେଜନା



**ଜଳେଶ୍ୱର, ୨୨।୧୧(ସମିସ):** ଜଣେ ପ୍ରସୂତି ମୃତ୍ୟୁକୁ ନେଇ ଜଳେଶ୍ୱର ସ୍ଥିତ ଜମାଲପୁର ବାଇପାସ ନିକଟରେ ଥିବା ଘରୋଇ ନର୍ସିହୋମ ସମ୍ମୁଖରେ ଉତ୍ତେଜନା ଦେଖାଦେଇଛି। ଏହି ଥାନା ଅନ୍ତର୍ଗତ ବାଣିଦା ଗ୍ରାମର ବିମଳ ପାତ୍ରଙ୍କ ସ୍ତ୍ରୀ ମମତା ଗତ ୧୬ ତାରିଖରେ ଜଳେଶ୍ୱର ସ୍ଥିତ ଆଶିର୍ବାଦ ନର୍ସିଂହୋମକୁ ଚିକିତ୍ସା ପାଇଁ ଆସିଥିଲେ। ସେହିଦିନ ସେଠାରେ ମମତା ଏକ କନ୍ୟାସନ୍ତାନ ଜନ୍ମ ଦେଇଥିବା ବେଳେ ଏହାର ୪ ଦିନ ପରେ ମମତାଙ୍କୁ ଝାଡ଼ା ହେବାରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହୋଇଥିଲା। ଏହାପରେ ମମତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ନର୍ସିହୋମକୁ ନିଆଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତକାଲି ମୃତ୍ୟୁ ହୋଇଯାଇଛି। ମାତ୍ର ମମତାଙ୍କ ପରିବାର ଲୋକେ ତାଙ୍କର ମୃତ୍ୟୁ ପାଇଁ ଆଶିର୍ବାଦ ନର୍ସିହୋମ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଆଶିର୍ବାଦ ନର୍ସିଂହୋମ ଆଗରେ ଶବ ରଖି ଧାରଣାରେ ବସିଥିଲେ। ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଉଭୟପକ୍ଷ ମଧ୍ୟରେ ଆଲୋଚନା ଜରିଆରେ ଘଟଣାର ସମାଧାନ ହୋଇଥିବା ଜଣାପଡ଼ିଛି।

## ସରିଲା ସିପିଆଇଏମ୍‌ର ୩ ଦିନିଆ ଗଣଧାରଣା



**ଜଳେଶ୍ୱର ସହର/ବ୍ଲକ, ୨୨।୧୧(ସମିସ):** ତିନଦିନ ଧରି ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମର ଗଣଧାରଣା ଆଜି ଶେଷ ଦିନରେ ପହଞ୍ଚିଛି। ରାଜ୍ୟ ସରକାର ବାର୍ଦ୍ଧକ୍ୟ, ଅସହାୟ ଏବଂ କଳାକାର ଭତ୍ତା ଏହା ପରେ ନ ବଢ଼ାଇଲେ ଆସନ୍ତା ୨୬, ୨୭ ଏବଂ ୨୮ ନଭେମ୍ବର ବିଧାନସଭା ସମ୍ମୁଖରେ ଏହି ଦାବି ସମେତ ଅନ୍ୟାନ୍ୟ ଦାବି ଉପରେ ସଂଯୁକ୍ତ କୃଷକ ମଞ୍ଚ ତରଫରୁ ମହା ଗଣ ଧାରଣା ଦିଆଯିବ ବୋଲି ଆଜିର ଧାରଣାରେ ଉପସ୍ଥିତ ଥିବା ବକ୍ତାମାନେ ସୂଚନା ଦେଇଥିଲେ। ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଦୀପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ଦିଲ୍ଲୀପ ପରିଡ଼ା, ଜୀବନ ପରିଡ଼ା, ବିକର୍ତ୍ତନ କବି, ରବୀନ୍ଦ୍ର ବାରିକ, ମମି ପଣ୍ଡା, ଧିରେନ୍ଦ୍ର ଦେ, ନିର୍ମଳ ପରିଡ଼ା, ମଦନ ମାହାଲି, କାର୍ତ୍ତିକ ସିଂ, ଲକ୍ଷ୍ମୀଧର ପଲାଇ, ଭାଗବତ ପ୍ରଧାନ, ଆରତୀ ପଲାଇ, ସୁବ୍ରତ ବିଶ୍ୱାଳ, ସବିତା ଭୂୟାଁ, ଅନନ୍ତ ମୁଖୀ, ରାଜୀବ ଲୋଚନ ପଣ୍ଡା, ଗଣେଶ ଚନ୍ଦ୍ର ଭୂୟାଁ, ଜଗନ୍ନାଥ ପରିଡ଼ା, ରାମଚନ୍ଦ୍ର ଦେ, ପ୍ରଶାନ୍ତ ହାତୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ମାନସିକ ବିକାରଗ୍ରସ୍ତ ଯୁବକ ଉଦ୍ଧାର



**ସିମୁଳିଆ, ୨୨।୧୧(ସମିସ):** ଏବେ ବି ବଞ୍ଚିଛି ମଣିଷପଣିଆ, ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ପ୍ରଶଂସାର ପାତ୍ର ପାଲଟିଛନ୍ତି ସ୍ଥାନୀୟ ଅଞ୍ଚଳର ଯୁବକ। ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଜାମ୍ବୁଝାଡି ଛକ ନିକଟରେ କିଛିଦିନ ଧରି ଜଣେ ଯୁବକ ବୁଲୁଥିଲେ। ତାକୁ ତାର ପରିଚୟ ପଚାରିବା ସହ ଖାଇବାକୁ ଦେଇ ପରିବାର ସହ ଯୋଗାଯୋଗ କରିଥିଲେ। ଖବର ପାଇ ପରିବାର ଲୋକେ ଜାମ୍ବୁଝାଡିରେ ପହଞ୍ଚି ନିଜ ପୁଅକୁ ଚିହ୍ନିଥିଲେ। ପାଗଳ ଯୁବକ ଜଣଙ୍କ କେଉଁଝର ଜିଲ୍ଲା ସୁବାସ ଚନ୍ଦ୍ର ସାହୁ ନିଜ ଘରୁ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ସୁବାସ ଜାମ୍ବୁଝାଡିଠାରେ ବୁଲୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଯୁବକ ବସନ୍ତ ଜେନା, ରବୀନ୍ଦ୍ର ବିଶ୍ୱାଳ, ସୁଜିତ ନାୟକ, ଅକ୍ଷୟ ବିଶ୍ୱାଳ ପ୍ରମୁଖ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିଲେ। ଯୁବକଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## ରଣା ସାପ ଉଦ୍ଧାର



**ବସ୍ତା/ରୂପସା, ୨୨।୧୧(ସମିସ):** ବସ୍ତା ବ୍ଲକ ଅଧୀନସ୍ଥ ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ବାରପାଳ ଗ୍ରାମର ରାହୁଲ ଖାନ୍‌ଙ୍କ ଘରୁ ଆଜି ୫ ଫୁଟ ଲମ୍ବର ଏକ ରଣାସାପ ଉଦ୍ଧାର ହୋଇଛି। ଉକ୍ତ ସାପଟିକୁ ଦେଖି ରାହୁଲଙ୍କ ପରିବାର ଭୟଭୀତ ହୋଇ ଗ୍ରୀନ ୱାର୍ଲ୍ଡ ଫାଉଣ୍ଡେସନର ସଦସ୍ୟ ଅରୂପ କୁମାର ବେହେରାଙ୍କୁ ଖବର ଦେଇଥିଲେ। ଶ୍ରୀ ବେହେରା ପହଞ୍ଚି ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିବାର ଜଣାପଡ଼ିଛି।

## ବସ୍ତା ରେଳ ଷ୍ଟେସନ ସମ୍ମୁଖରେ ଜେଏମ୍‌ଏମ୍‌ର ଅନଶନ



**ବସ୍ତା/ରୂପସା, ୨୨।୧୧(ସମିସ):** ବସ୍ତା ରେଳ ଷ୍ଟେସନ ସମ୍ମୁଖରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା କମିଟି ପକ୍ଷରୁ ବୁଧବାର ଆମରଣ ଅନଶନ ଆରମ୍ଭ ହୋଇଛି। ହାୱଡା-ପୁରୀ ପାସେଞ୍ଜର ପୁନଃ ଚଳାଚଳ ତଥା ଉତ୍କଳ ଏକ୍ସପ୍ରେସ୍, ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଟ୍ରେନ ପୁନଃରହଣି ସହିତ ଜନଶତାବ୍ଦି, ସମ୍ପର୍କକ୍ରାନ୍ତି ହିଳାଚଳ, ଭେଲୁପୁରମ ଏକ୍ସପ୍ରେସ୍ ଟ୍ରେନ୍‌ର ରହଣି ଓ ୪ନଂ ପ୍ଲାଟଫର୍ମ, ଫୁଟ ଓଭର ବ୍ରିଜ, ଫ୍ଲାଇ ଓଭର ବ୍ରିଜ, ଭୁବନେଶ୍ୱର-ବାଲେଶ୍ୱର ମେମୋ ଟ୍ରେନକୁ ଜଳେଶ୍ୱର ଓ ହାୱଡା-ଜଳେଶ୍ୱର ମେମୋ ଟ୍ରେନକୁ ବାଲେଶ୍ୱର ନୀଳଗିରି ପର୍ଯ୍ୟନ୍ତ ସମ୍ପ୍ରସାରଣ, ପାସେଞ୍ଜର ଟ୍ରେନରେ ଏକ୍ସପ୍ରେସ୍ ଟିକଟ ବନ୍ଦ ଓ ଫାଷ୍ଟ ପାସେଞ୍ଜର କଟକ ଦେଇ ଚଳାଚଳ, ରାଜଘାଟରୁ ରୂପ୍‌ସା ପର୍ଯ୍ୟନ୍ତ ପିଚୁ ରାସ୍ତା ଓ ରେଳମନ୍ତ୍ରୀଙ୍କ ଘୋଷିତ ବସ୍ତାରେ ୧୨ଟି କାମ ଦାବିରେ ଜେଏମଏମ ପକ୍ଷରୁ ଆମରଣ ଅନଶନ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସଭାପତି କମଲ ଲୋଚନ ବାରିକ ପ୍ରକାଶ କରିଥିଲେ।

# ଦୀନକୃଷ୍ଣ ମହାବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

**ଜଳେଶ୍ୱର ବ୍ଲକ, ୨୨।୧୧(ସମିସ):**

ଯେଉଁ ଅନୁଷ୍ଠାନର ପୁରାତନ ଛାତ୍ରସଂଘ, ଅଭିଭାବକ ସକ୍ରିୟ, ସଚେତନ ଓ ବିକାଶମୁଖୀ ସେ ଅନୁଷ୍ଠାନ ସେତେ ଅଧିକ ବିକାଶଶୀଳ ଓ ଉନ୍ନତିର ଶୀର୍ଷରେ ପହଞ୍ଚିଛି। କିନ୍ତୁ ୬୦ ବର୍ଷ ତଳେ ପ୍ରତିଷ୍ଠା ଲାଭ କରିଥିବା ଦୀନକୃଷ୍ଣ ମହାବିଦ୍ୟାଳୟରେ ଅଦ୍ୟାବଧି ଶିକ୍ଷାଦାନ ଲାଗି ଆବଶ୍ୟକ ହଲ ନ ଥିବା ଦୁଃଖର ବିଷୟ। ତେଣୁ ଏହାର ବିକାଶ ଲାଗି ପୁରାତନ ଛାତ୍ର ସଂଘ ଅଧିକ ସଶକ୍ତ ହୋଇ ଆଗେଇ ଆସିବାକୁ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ଆଜି ଆହ୍ୱାନ ଦେଇଛନ୍ତି। ଏବେ ବାଲେଶ୍ୱର ଜିଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ବିଭିନ୍ନ କାର୍ଯ୍ୟ '୫-ଟି' ଯୋଜନା ଅନୁଯାୟୀ ଚାଲିଛି। ସେଥିରେ ଉତ୍ତର ବାଲେଶ୍ୱରର ସର୍ବପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟରେ ମଧ୍ୟ '୫-ଟି' କାର୍ଯ୍ୟ ଚାଲୁଥିବାରୁ ଆଜି ଜିଲ୍ଲାପାଳ ହଠାତ ପରିଦର୍ଶନରେ ଆସି ପହଞ୍ଚିଥିଲେ। କିନ୍ତୁ ୧୯୬୪ ମସିହାରେ ଗଢ଼ି ଉଠିଥିବା ଏହି ମହାବିଦ୍ୟାଳୟରେ ପ୍ରାୟ ୧୮୦୦ ଛାତ୍ରଛାତ୍ରୀ ଥିବା ବେଳେ ଏହାର ବିକାଶ ଆଶାନୁରୂପଭାବେ ହୋଇପାରି ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ମାତ୍ର ୪ଟି ହଲ ଥିବାରୁ +୨ ଶ୍ରେଣୀ କାର୍ଯ୍ୟ ଚାଲୁଥିବା ବେଳେ +୩ ପାଇଁ ଆବଶ୍ୟକ ହଲ ନ ଥିବାରୁ ସେ ଏଥିପ୍ରତି ଅଧିକ ଗୁରୁତ୍ୱାରୋପ କରିଥିଲେ। ବ୍ଲକ ଅଧ୍ୟକ୍ଷ ତଥା ପୂର୍ବତନ ଛାତ୍ର ମାନସେ କୁମାର ଜେନା ସେଠାରେ ଉପସ୍ଥିତ ଥିବାରୁ ଜିଲ୍ଲାପାଳ ତାଙ୍କୁ ଡକାଇ ପାଣ୍ଠି ଯୋଗାଇ ଦେଲେ ୩ ଗୁଣା ଅର୍ଥ ଦେବାରେ ଅସୁବିଧା ନ ରହିବାର ପ୍ରକାଶ କରିଥିଲେ। ପ୍ରକାଶଯୋଗ୍ୟ ମହାବିଦ୍ୟାଳୟର ସଭାପତି ମଧ୍ୟ ଏହି ଅନୁଷ୍ଠାନର ପୂର୍ବତନ ଛାତ୍ର। ସାମ୍ପ୍ରତିକ ପରିସ୍ଥିତିରେ ପୁରାତନ ଛାତ୍ରସଂଘ ଏକତ୍ରିତ ହୋଇ ବିଦ୍ୟାଳୟର କଳେବର ବୃଦ୍ଧି ଲାଗି ଆବଶ୍ୟକ ପାଣ୍ଠି ସଂଗ୍ରହ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି ଓ ପୁରାତନ ଛାତ୍ର ସଂଘର ଏକ ବୈଠକ ଡକାଯିବାର ପ୍ରସ୍ତାବ ଦେଇଛନ୍ତି।



**● ମହାବିଦ୍ୟାଳୟର ଦୁରବସ୍ଥା ଦେଖି କ୍ଷୁବ୍ଧ**

